# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**16 November - 2024**

**News Editor : *Itishree Singh Rathaur***

# ଅକ୍ଷୟଶକ୍ତି

ଓଡ଼ିଶା ଆଗାମୀ ଦିନରେ ଅକ୍ଷୟଶକ୍ତିର ହବ୍ ହେବ ବୋଲି କେନ୍ଦ୍ର ଶକ୍ତିମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି । ଭୁବନେଶ୍ୱରରେ କେନ୍ଦ୍ର ନୂତନ ଓ ଅକ୍ଷୟଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଚିନ୍ତନ ଶିବିରରେ ଯୋଗଦେଇ ଶ୍ରୀ ଯୋଶୀ କହିଛନ୍ତି ଓଡ଼ିଶାରେ ସୌର, ପବନ, ଜଳବିଦ୍ୟୁତ୍ ଏବଂ ଆଣବିକ ଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ କରାଯାଇପାରିବ । ୨୦୩୦ ମସିହା ସୁଦ୍ଧା ଦେଶରେ ୫୦୦ ଗିଗାୱାଟ ଅକ୍ଷୟଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ରାଜ୍ୟ ଅଂଶୀଦାର ଓ ଶିଳ୍ପ ନେତୃତ୍ୱଙ୍କୁ ନେଇ ଏକ ଟାସ୍କଫୋର୍ସ ଗଠନ କରାଯିବ । ତେବେ ବର୍ତ୍ତମାନ ସୁଦ୍ଧା ୨୨୨ଗିଗାୱାଟ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ପ୍ରସ୍ତୁତି ଚାଲିଛି ବୋଲି ଶ୍ରୀ ଯୋଶୀ କହିଛନ୍ତି । ସେ କହିଛନ୍ତି ଗତ ୧୦ବର୍ଷ ମଧ୍ୟରେ ଅକ୍ଷୟଶକ୍ତି କ୍ଷେତ୍ରରେ ୨୨ଲକ୍ଷ କୋଟି ଟଙ୍କା ନିବେଶ ହୋଇଛି ।

# ମୁଖ୍ୟମନ୍ତ୍ରୀଙ୍କ ସିଙ୍ଗାପୁର ଗସ୍ତ

ରାଜ୍ୟକୁ ବିଦେଶରୁ ପୁଞ୍ଜିନିବେଶ ଆକୃଷ୍ଟ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜିଠାରୁ ୫ ଦିନିଆ ସିଙ୍ଗାପୁର ଗସ୍ତରେ

ଯାଉଛନ୍ତି । ମିଶନ ଉତ୍କର୍ଷ ଓଡ଼ିଶା ଦ୍ୱାରା ସିଙ୍ଗାପୁରରେ ଶିଳ୍ପ ବିଭାଗ ପକ୍ଷରୁ ରୋଡ଼ ଶୋ' ଆୟୋଜନ କରାଯିବ । ଗସ୍ତକାଳରେ ମୁଖ୍ୟମନ୍ତ୍ରୀ ନିବେଶକମାନଙ୍କ ସହ ଆଲୋଚନା କରି ଶିଳ୍ପପତି ଓ ବାଣିଜ୍ୟିକ ପ୍ରତିନିଧିମାନଙ୍କୁ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିବେ ବୋଲି ଜଣାପଡିଛି । ସୂଚନାଯୋଗ୍ୟ ଆସନ୍ତାବର୍ଷ ଜାନୁଆରୀ ୨୮ ଓ ୨୯ରେ ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ର ଆୟୋଜନ ହେବ ।

## ବିମାନସେବା

ଭୁବନେଶ୍ୱର ବିଜୁପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ ଇନ୍ଦୋର, ଡେରାଡୁନ, କୋଚି, ଜୟପୁର ଓ ଲକ୍ଷ୍ନୌକୁ ସିଧାସଳଖ ବିମାନ ଚଳାଚଳ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସୂଚନା ଦେଇଛନ୍ତି । ସେହିଭଳି ଝାରସୁଗୁଡା ବୀର ସୁରେନ୍ଦ୍ରସାଏ ବିମାନ ବନ୍ଦରରୁ ହାଇଦ୍ରାବାଦ, ରାୟପୁର, ଲକ୍ଷ୍ନୌ ଓ ମୁମ୍ବାଇକୁ ସିଧାସଳଖ ବିମାନସେବା ଆରମ୍ଭ ହେବ ।

## ବାଲିଯାତ୍ରା

କଟକ ଓ ସମ୍ବଲପୁର ମହାନଦୀ ରିଭର ଫ୍ରଣ୍ଟର ବିକାଶ ପାଇଁ ୨୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଐତିହାସିକ କଟକ ବାଲିଯାତ୍ରାକୁ ଗତକାଲି ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି କଟକ ସହରର ରାସ୍ତାଘାଟର ବିକାଶ ହେବ ଏବଂ ସହରକୁ ଏକ

ଆଧୁନିକ ସ୍ମାର୍ଟସିଟିରେ ପରିଣତ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ।

## ହାତୀଗଣନା

ରାଜ୍ୟର ୪୮ଟି ଡିଭିଜନରେ ହାତୀଗଣନା ଚାଲିଛି । ଏଥିପାଇଁ ୫ହଜାର ୭୦୦ ବନ କର୍ମଚାରୀ ନିୟୋଜିତ ହୋଇଛନ୍ତି । ଗତ ମାର୍ଚ୍ଚ ମାସରେ ହୋଇଥିବା ହାତୀ ଗଣନା ରିପୋର୍ଟ ଅନୁସାରେ ରାଜ୍ୟରେ ୨ହଜାର ୯୮ଟି ହାତୀ ଥିଲେ ।

## ଜାତୀୟ ପ୍ରେସ୍ ଦିବସ

ଆଜି ଜାତୀୟ ପ୍ରେସ୍ ଦିବସ । ୧୯୬୬ ମସିହା ଆଜିର ଦିନରେ କେନ୍ଦ୍ର ସରକାର ଭାରତୀୟ ପ୍ରେସ୍ କାଉନ୍‌ସିଲ ଗଠନ କରିଥିଲେ । ସମ୍ବାଦପତ୍ର ହେଉଛି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଏବଂ ପ୍ରେସ୍ କାଉନ୍‌ସିଲ ହେଉଛି ସମ୍ବାଦପତ୍ର ମାନଙ୍କର ନୈତିକ ପ୍ରହରୀ । ସମ୍ବାଦପତ୍ର ମାନଙ୍କର କାମ ଉପରେ ନଜର ରଖିବା ସହିତ ଆବଶ୍ୟକ ପଡିଲେ ପରାମର୍ଶ, ସମୀକ୍ଷା ଏବଂ ବିବାଦୀୟ ସମ୍ବାଦ ପ୍ରସାରଣ ଉପରେ ବିଚାର କରି ନୈତିକ ଯାଞ୍ଚ କର୍ତ୍ତାଭାବେ ପ୍ରେସ୍ କାଉନ୍‌ସିଲ କାମ କରୁଛି । ପ୍ରେସ୍‌ର ସ୍ୱାଧୀନତାକୁ ବଜାୟ ରଖିବା ଦିଗରେ ମଧ୍ୟ ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ କାମ କରୁଛି ।

ଜାତୀୟ ପ୍ରେସ୍ ଦିବସ ପରିପ୍ରେକ୍ଷୀରେ ଆଜି ଅପରାହ୍ଣରେ ଭୁବନେଶ୍ୱର ଜୟଦେବ ଭବନରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏଥିରେ ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥିଭାବରେ ଯୋଗଦେବେ । ତାଙ୍କ ସହ ବାଚସ୍ପତି ସୁରମା ପାଢ଼ୀ ମଧ୍ୟ ସାମିଲ ହେବାର କାର୍ଯ୍ୟସୂଚୀ ରହିଛି । ସେହିଭଳି ଗଣମାଧ୍ୟମର ପରିବର୍ତ୍ତିତ ରୂପରେଖ ଶୀର୍ଷକ କର୍ମଶାଳାର ଆୟୋଜନ ହେବ । ଏଥିରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେବେ ।

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀର ଡକ୍ଟର ମୁକେଶ ମହାଲିଙ୍ଗ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ପାତ୍ର, ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଯୋଗଦେବେ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱର ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ପ୍ରେସ୍ ଦିବସ ପାଳନ କରାଯିବ । ଏଥିରେ ଭାରତୀୟ ସୂଚନା ସେବାର ବରିଷ୍ଠ ଅଧିକାରୀ ତଥା ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେବେ। ଏହାସହ ଜୟଦେବ ଭବନରେ ଏକ ସମ୍ବାଦପତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହେବ ।

## ଭୋଟର ତାଲିକା ସଂଶୋଧନ

ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପାଇଁ ଆଜି ସ୍ୱତନ୍ତ୍ର ଅଭିଯାନ ଦିବସ ଅନୁଷ୍ଠିତ ହେଉଛି। ଏଥିରେ ଜନସାଧାରଣ ନିଜ ନିକଟତମ ମତଦାନ କେନ୍ଦ୍ରକୁ ଯାଇ ଭୋଟର ତାଲିକାରେ ନାମ ସଂଯୋଗ କିମ୍ବା ସଂଶୋଧନ କରିପାରିବେ।

## ଶ୍ରୀମନ୍ଦିର-ପ୍ରବେଶ

ପୁରୀ ଶ୍ରୀମନ୍ଦିରରେ ଆଜିଠାରୁ ଶ୍ରଦ୍ଧାଳୁମାନେ ଚାରିଦ୍ୱାର ଦେଇ ପ୍ରବେଶ କରିପାରିବେ। ମାତ୍ର ସିଂହଦ୍ୱାର ବ୍ୟତୀତ ଅନ୍ୟ ତିନିଦ୍ୱାର ବାଟେ ପ୍ରସ୍ଥାନ କରିପାରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ସେବାୟତ ଓ ତାଙ୍କ ପରିବାରବର୍ଗଙ୍କ ପାଇଁ ଏହି ନିୟମ କାର୍ଯ୍ୟକାରୀ ହେବ ନାହିଁ।

# ଉଭବ ୨୦୨୪ ଉଦ୍‌ଯାପିତ

ପଞ୍ଚମ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଜାତୀୟ ସାଂସ୍କୃତିକ, ସାହିତ୍ୟିକ ଏବଂ କଳା ଉତ୍ସବ 'ଉଭବ-୨୦୨୪' ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ପଛୁଆବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନ୍ମଭୂମିର ଗୌରବ ରକ୍ଷା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଉତ୍ସବରେ ୨୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର

ଏକ ହଜାର ୪୦୦ରୁ ଅଧିକ ଛାତ୍ରଛାତ୍ରୀ ୪୨ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏଥିରେ ଓଡ଼ିଶା ସର୍ବାଧିକ ପୁରସ୍କାର ହାସଲ କରିଥିବାରୁ ଶ୍ରେଷ୍ଠ ରାଜ୍ୟ ଭାବେ ସମ୍ମାନିତ କରାଯାଇଛି ।